# Akashvani, Sambalpur

## SAMBALPURI NEWS EVENING BULLETIN

**21 October 2025- 7.02 pm- 7.12 pm.**

*********************************************

୧- ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୨୭ ନମ୍ବର୍ ସଂସ୍କରଣ୍‌ଥି ଆଏବା ରଏବାର୍ ଦିନ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ମାତୃଭୂମିର୍ ସେବା ଲାଗି ଜୀବନ୍ ଦେଇଥିବା ବୀର ପୁଲିସ୍ ମାନ୍‌କୁ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ।

- କଟକ୍ ପୁଲିସ୍ ମୁଖ୍ୟାଳୟ ନ ପାଲନ୍ ହେଲା ରାଜ୍ୟସ୍ତରୀୟ ସମାରୋହ ।

୩- ନୂଆପଡ଼ା ଉପ ନିର୍ବାଚନ୍ ଲାଗି ମୁଲ୍ ହେଲା ପ୍ରଚାର୍ ପରବ୍ ।

- ଆଏବା କାଏଲ୍ ହେବା ପ୍ରାର୍ଥୀପତ୍ର ଯାଂଚ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍‌ର ରୂପ୍ ନେଲା ଘୂର୍ଣ୍ଣିବଳୟ ।

- ପ୍ରଭାବିତ୍ ଜିଲ୍ଲାମାନ୍‌କୁ ତୟାର୍ ରହେବାର୍‌କେ ରାଜସ୍ବ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ-୧        ଆର୍‌ଏନ୍‌ୟୁ/ ସମ୍ବଲପୁର

ମାତୃଭୂମିର୍ ସେବା ଲାଗି ଜୀବନ୍ ଦେଇଥିବା ବୀର ପୁଲିସ୍ ମାନ୍‌କୁ ସୁର୍‌ତା କରିକରି ଆଝିରର୍ ଦିନ୍‌କେ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ଭାବେ ପାଲନ୍ କରାଯାଉଛେ । ଶାନ୍ତି ଶୃଙ୍ଖଳା, ମାଓଦମନ୍ ଆଉ ଲୁକ୍‌କୁ ସୁରକ୍ଷା ଦଉଥିବା ସମିଆଥି ପୁଲିସ୍

କର୍ମଚାରୀମାନ୍‌କର୍ ବଳିଦାନ୍‌କେ ସୋର୍ ରଖ୍‌ବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଉଛେ । ଇ ଅବ୍‌ସରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦେଶର୍ ଆଭ୍ୟନ୍ତରିଣ ସୁରକ୍ଷା ଲାଗି ପୁଲିସ୍ ବାହିନୀର୍ ପ୍ରତିବଦ୍ଧତାକେ ପ୍ରଶଂସା କରିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ  ବହୁତ୍ ବିଶିଷ୍ଟ ବ୍ୟକ୍ତି ଇ ଅବ୍‌ସରେ ଦେଶର୍ ନାଗରିକ୍ ମାନ୍‌କର୍ ସୁରକ୍ଷା ଲାଗି ପୁଲିସ୍ କର୍ମଚାରୀମାନ୍‌କର୍ ସମର୍ପଣ୍ ଆଉ ବଳିଦାନ୍‌କେ ସମ୍ମାନ୍ ଜନେଇଛନ୍ । ଇ ଅବ୍‌ସରେ ସାରା ରାଏଜେ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ-୨

ସମ୍ବଲପୁର/ବୌଦ୍ଧ/ଦେବ୍‌ଗଡ଼/କଳାହାଣ୍ଡି

କଟକ୍ ଠାନେ ଥିବା ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ୬୬ ନମ୍ବର୍  ପୁଲିସ୍ ଶହୀଦ୍ ସ୍ମୃତି ଦିବସ ପାଳିତ୍ ହେଇଯାଇଛେ । ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଦେଶ୍ ଲାଗି ଆତ୍ମବଳି ଦେଇଥିବା ପୁଲିସ୍ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଜଣେଇଛନ୍ । ୨୦୨୫ ବର୍ଷରେ ଓଡ଼ିଶାର୍ ଲକ୍ଷ୍ମଣ ମାଝୀ ଆଉ ଲୋକନାଥ ଶବରଙ୍କର୍ ସହେତେ ଦେଶର୍ ଶହେ ୯୧ ଝନ୍ ପୁଲିସ୍ କର୍ମଚାରୀଙ୍କର୍ ଡ୍ୟୁଟି ସମିଆଥି ଜୀବନ୍ ଯାଇଛେ ବଲି ଇ ଅବ୍‌ସରେ ଶ୍ରୀ ଖୁରାନିଆ କହିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଗୋଶାଲା ସିଆର୍‌ପିଏଫ୍ ଗ୍ରୁପ୍ ସେଂଟର୍ ନ  ପୁଲିସ୍ ଶହୀଦ୍ ସ୍ମୃତି ଦିବସ ପାଲିତ୍ ହେଇଯାଇଛେ । ପୁଲିସ୍ ଉପମହାନିରୀକ୍ଷକ ସଞ୍ଜୟ କୁମାର୍ ସିଂ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଦେଶର୍ ସୁରକ୍ଷା ଲାଗି ସର୍ବୋଚ୍ଚ ବଳିଦାନ୍ ଦେଇଥିବା ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ବୌଦ୍ଧ ଜିଲ୍ଲା ପୁଲିସ୍ ଆଉ ୫ ନମ୍ବର୍ ଆର୍‌ବିଆଇ ତର୍‌ଫୁ ବଲାସିଂହା ପରେଡ୍ ପଡ଼ିଆ ନ ହେଇଥିବା ପୁଲିସ୍ ଶହୀଦ୍ ସ୍ମୃତି ଦିବସ  କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲ୍ ଯୋଗ୍ ଦେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ପୁଲିସ୍ ଶହୀଦ୍ ସ୍ମୃତି ସମାରୋହଥି ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ର ଯୋଗ୍ ଦେଇକରି ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜଣେଇଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ୨ ଝନ୍ ସିଆର୍‌ପିଏଫ୍ ଶହୀଦ୍ ଯବାନ୍‌ଙ୍କର୍ ପରିବାର୍ ଲୁକ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ପୁଲିସ୍ ତର୍‌ଫୁ ଭବାନୀପାଟ୍‌ନା ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ହେଇଥିବା ପୁଲିସ୍ ଶହୀଦ୍ ସ୍ମୃତି ଦିବସ

କାର୍ଯ୍ୟକ୍ରମ୍‌ରେ ଆରକ୍ଷୀ ଅଧିକ୍ଷକ୍ ନାଗରାଜ୍ ଦେବରାକୋଣ୍ଡା ଯୋଗ୍ ଦେଇକରି ଶହୀଦ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜଣେଇଥିଲେ ।

ରେଲ୍‌ମନ୍ତ୍ରୀ -ସମୀକ୍ଷା ଏନ୍‌ଏସ୍‌ଡି

ଦିଆଲି ନୁ ଛଟ୍ ପୂଜା ଭିତ୍‌ରେ ଯାତ୍ରୀମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ଆହୁରି ୮ ହଜାର୍ ଟ୍ରେନ୍ ଚଲାବାର୍ ବ୍ୟବସ୍ଥା କରାଯାଉଛେ । ପାର୍ବଣ ସମିଆ ଲାଗି ଇହାଦେ ୧୨ ହଜାର୍ ୧୧ ଟା ଖାସ୍ ଟ୍ରେନ୍ ଚଲାଚଲ୍ କରୁଛେ । ପାର୍ବଣ ସମିଆଥି ଟ୍ରେନ୍ ଚଲାଚଲ୍‌ର ଥିତି ବାବ୍‌ଦେ ଆଏଜ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସମୀକ୍ଷା କରିଛନ୍ । ନୂଆଦିଲ୍ଲୀର୍ ରେଲ୍ ଭବନ୍ ଠାନେ ଥିବା ୱାର୍ ରୁମ୍‌କେ ଯାଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସମୀକ୍ଷା କରିଛନ୍ । ପାର୍ବଣ ସମିଆଥି ଯାତ୍ରୀମାନ୍‌କର୍ ସୁଗମ୍ ଯାତ୍ରାର୍ ଲାଗି ସବୁ ସମ୍ଭବ୍ ସୁବିଧା କର୍‌ବାର୍‌କେ ଶ୍ରୀ ବୈଷ୍ଣବ୍ ରେଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନିର୍ବାଚନ ଆୟୋଗ- ପର୍ଯ୍ୟବେକ୍ଷକ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ଉପ ନିର୍ବାଚନ୍‌କେ ଫଟିକ୍ ଆଉ ନିରପେକ୍ଷ ଭାବେ ପରିଚାଲନ୍ କର୍‌ବାର୍ ଲାଗି କଡ଼ା ନଜର୍ ରଖ୍‌ବାର୍‌କେ ନିର୍ବାଚନ୍ ଆୟୋଗ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଆୟୋଗ୍ କହିଛନ୍, ଭିନ୍ ଭିନ୍ ରାଜ୍ୟ ନ ହେବାର୍‌କେ ଥିବା ୮ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ଉପନିର୍ବାଚନ୍ ଲାଗି ୮ ଝନ୍ ଲେଖା ସାଧାରଣ୍ ଆଉ ପୁଲିସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛେ । ନିର୍ବାଚନ୍ ବାବଦ୍ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଆୟୋଗ୍ ପର୍ଯ୍ୟବେକ୍ଷକ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ରାଜନୈତିକ୍ ଦଲର୍ ପ୍ରତିନିଧି, ପ୍ରାର୍ଥୀ ଆଉ ମତଦାତାମାନ୍‌କର୍ ସଙ୍ଗେ ତାଲ୍‌ମେଲ୍ ରଖିକରି ଠିକ୍ ସମିଆଥି ପଦକ୍ଷେପ୍ ନେବାର୍‌କେ ପର୍ଯ୍ୟବେକ୍ଷକ୍ ମାନ୍‌କୁ ପରାମର୍ଶ ଦେଇଛନ୍ ।

ନୂଆପଡ଼ା ଉପ ନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଗଲାକାଏଲ୍ ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ଶେଷ୍ ହେଇଥିଲା ବେଲେ ପ୍ରାର୍ଥୀମାନେ ଜୋର୍‌ଦାର୍ ପ୍ରଚାର୍ ମୁଲ୍ କରିଛନ୍ । ନିର୍ବାଚନ୍ ଲାଗି ମୋଟ୍ ୧୯ ଝନ୍ ପ୍ରାର୍ଥୀ ନାମାଙ୍କନ୍ ଦାଖଲ୍ କରିଛନ୍ । ଆଏବା କାଏଲ୍

ନାମାଙ୍କନ୍ ପତ୍ର ଯାଂଚ୍ ହେଲା ଉତ୍ରୁ କେତେଝନ୍ ପ୍ରାର୍ଥୀ ନିର୍ବାଚନ୍ ସମିଆଥି ମଇଦାନ୍‌ଥି ରହେବେ ସେଟା ଫଟିକ୍ ହେବା ।

ସେନ୍ତା ଆଏବା ୨୪ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରଖାଯାଇଛେ । ନଭେମ୍ବର୍ ୧୧ ତାରିଖ୍ ଭୋଟ୍ ଗ୍ରହଣ୍ କରାଯାଇକରି ୧୪ ତାରିଖ୍ ଭୋଟ୍ ଗନ୍‌ତି ହେବା ଆଉ ୧୬ ତାରିଖ୍‌ତକ୍ ଫଲାଫଲ୍ ଘୋଷ୍‌ନା ହେବା ।

ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌ଥି ଇଥର ୨ ଲାଖ୍ ୪୮ ହଜାର୍ ୨ ଶହ ୫୬ ଝନ୍ ଭୋଟର୍ ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ୍ କର୍‌ବେ । ବିଧାନ୍‌ସଭା କ୍ଷେତ୍ର ନ ୩ ଶହ ୫୮ ଟା ମତଦାନ୍ କେନ୍ଦ୍ର ନ ଭୋଟ୍‌ଗ୍ରହଣ୍ ହେବା ।

ଶ୍ରୀମନ୍ଦିର୍-ସାଗର ବିଜେ ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଅମାବାସ୍ୟା ତିଥି ଅବ୍‌ସରେ ମହାପୁରୁମାନ୍‌କର୍ ସାଗର ବିଜେ ନୀତି କରାଯାଇଛେ । ପରମ୍ପରା ଅନ୍‌ସାରେ ସକାଳଧୂପ ଆଉ ବାଲଧୂପ ନୀତି ସର୍‌ଲା ଉତ୍ରୁ ମାହାପୁରୁମାନ୍‌କର୍ ଚଳନ୍ତି ପ୍ରତିମାକେ ସାଗର ନାରାୟଣ ପାଲିଙ୍କିଥି ବିଜେ କରାଯାଇଥିଲା । ସାଗର ନାରାୟଣ୍ ସ୍ୱର୍ଗଦ୍ୱାର ପାଖେ ମହାଦଧି ଖଁଡ଼ି ନ ପୁହୁଁଚିଲା ଉତ୍ରୁ ପରମ୍ପରା ଅନ୍‌ସାରେ ନୀତିକାନ୍ତି

କରାଯାଇଥିଲା । ସେଆଡ଼େ ଗଲାକାଏଲ୍ ଆଉ ଆଏଜ୍ ଭିଲ୍ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କର୍ ଲାଗି ପିଣ୍ଡଦାନ କରିଛନ୍ ।

ବିଶ୍ୱ ଆୟୋଡ଼ିନ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ଆୟୋଡ଼ିନ୍ ଦିବସ୍ । ସୁସ୍ଥ ଶରୀର୍ ଆର୍ ଉନ୍ନତ ମସ୍ତିଷ୍କ ଲାଗି ଆୟୋଡିନ୍ ମିଶା ନୁନ୍ ଖାଏବାର୍ ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ମନାଯାଉଛେ । ଆୟୋଡ଼ିନ୍ ଅଭାବ୍ ହେଲେ ଗଳଗଣ୍ଡ ରୋଗ୍ ହେବାର୍ ସହେତେ ଭିନ୍ ଭିନ୍ ରୋଗ୍ ମାନେ ହେସି । ଫି ବଛର୍ ପୁର୍‌ଥି ନ ପାଖାପାଖି ୭୪ କୋଟି ଲୋକ୍ ଆୟୋଡିନ୍ ଅଭାବ୍ ଜନିତ ରୋଗଥି ପିଡ଼ିତ ହେବାର୍ ବେଲେ ଭାରତ୍‌ର ୨ କୋଟି ଲୋକ୍ ଇଥି ପ୍ରଭାବିତ୍ ହେସନ୍ ।

ଦୁର୍ଘଟଣା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଚାର୍‌ମାଲ୍ ଥାନା ନୂଆପଡ଼ା ଠାନେ ରାସ୍ତା ଦୁର୍ଘଟଣାଥି ଝନେ ମହିଳାଙ୍କର୍ ଜୀବନ୍ ଯାଇଥିଲା ବେଲେ ୨ ଝନ୍ ଜବର୍ ଜଖମ୍ ହେଇଛନ୍ । ଆହତ୍ ମାନ୍‌କୁ ବୁର୍ଲା

ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଭୁବ୍‌ନେଶ୍ୱର୍ ନୁ ସମ୍ବଲ୍‌ପୁର୍ ଫିରୁଥିବା କାର୍ ନୂଆପଡ଼ା ଠାନେ ରାସ୍ତାମଝିର୍ ଡିଭାଇଡର୍‌ଥି ପିଟି ହେଇକରି ଦୁର୍ଘଟଣାର୍ ଶିକାର୍ ହେଇଛେ ।

ବୌଦ୍ଧ- କଳା ଉତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଯୋଗେନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ କଳା ଉତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଉତ୍ସବ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଚିତ୍ରକଳା, କଳା, ସଂଗୀତ୍ ବାଗିର୍ ପ୍ରତିଯୋଗିତାଥି ଭାଗ୍ ନେଇଛନ୍ । ଇନୁ ସଫଲ୍ ହେଇଥିବା ଛାତ୍ରଛାତ୍ରୀମାନେ ବଲାଙ୍ଗିର୍ ଠାନେ ଜୋନାଲ୍ ସ୍ତରୀୟ କଳା ଉତ୍ସବ୍‌ଥି ଭାଗ୍ ନେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍

କ୍ଷେତ୍ର  ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ସାଙ୍ଗେ ମେଘୁଆ ପାଗ୍ ଲାଗି ରହିଛେ । ଲଘୁଚାପ୍ କ୍ଷେତ୍ର ଆହୁରି ଘନୀଭୂତ ହେଇକରି ଆଏବା ୨୩ ତାରିଖ୍‌ତକ୍ ଅବପାତ ହେଇପାରେ ବଲି ଭାରତୀୟ ପାଣିପାଗ ବିଭାଗ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ନୁ ୨୬ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମଧମ୍ ନୁ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସହେତେ ବର୍ଷା ନେଇକରି ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ଆମେରିକାର୍ ଗୁଟେ ଘରୋଇ ପାଣିପାଗ ସଂସ୍ଥାର୍ ଆକଲନ୍ ଅନ୍‌ସାରେ ଇ ମାସ ୨୬ ନୁ ୨୯ ତାରିଖ୍ ବେଲ୍‌କେ ବଙ୍ଗୋପ୍‌ସାଗର୍ ନ ଫେର୍ ୨ ଟା ଲଘୁଚାପ୍ କ୍ଷେତ୍ର ବନିପାରେ । ଇତାର୍ ପ୍ରଭାବ୍‌ଥି ଇ ମାସର୍ ଶେଷ୍‌ବେଲ୍‌ତକ୍ ଦକ୍ଷିଣ୍ ଓଡ଼ିଶା ସହେତେ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷାର୍ ସମ୍ଭାବନା ରହିଛେ । ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଏବ୍‌ତକ୍ କିଛି ସୂଚ୍‌ନା ନାଇଁ ଦିଆଯାଇ ।

ଲଘୁଚାପ୍ ବର୍ଷା ଥିତିକେ ନେଇକରି ରାଜ୍ୟ ସର୍‌କାର୍ ତୟାର୍ ଅଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ପ୍ରଭାବିତ୍ ହେବାର୍‌କେ ଜିଲ୍ଲା ମାନ୍‌କୁ

ଦର୍କାରୀ ପଦକ୍ଷେପ୍ ନେବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଶ୍ରୀ ପୂଜାରୀ କହିଛନ୍ ।...

(ଭଏସ୍ ଓଭର୍- ସୁରେଶ ପୂଜାରୀ)